ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ମେ, ୨୦୨୧



## ସଂକ୍ଷେପରେ

### ବାତ୍ୟା ୟାସ୍ ପାଇଁ ଟାସ୍କଫୋର୍ସ

ନୟାଗଡ଼ ଅଫିସ,୨୩ା୫: ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ବାତ୍ୟା ୟାସ ପାଇଁ ଏକ ୮ ଜଣିଆ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି । ବିପନ୍ନଙ୍କୁ ସହାୟତା ଉଦ୍ଦେଶ୍ୟରେ ଏହି କମିଟି ଗଠନ ହୋଇଛି। ଏଥିରେ କମଳ ଚରଣ ସାହୁ, ପ୍ରତୀକ ମହାପାତ୍ର, ଅକ୍ଷୟ ମଲ୍ଲ, ଜ୍ୟୋତିରଞ୍ଜନ ଦାଶ, ଅମଜାତ୍ ଖାଁ, ଲକ୍ଷ୍ମଣ ଜେନା ଓ ବିଜୟ ନାୟକ ଅଛନ୍ତି । ସୋମବାର ବ୍ଲକସ୍ତରୀୟ ଟାକ୍ସ ଫୋର୍ସ କମିଟିର ନାମ ଘୋଷଣା କରାଯିବ ବୋଲି ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି ।

### ଶାଳ ଲଗ୍ ବୋଝେଇ ଗାଡ଼ି ଜବତ



ନୟାଗଡ଼ ଅଫିସ,୨୩ା୫: ନୟାଗଡ଼ ରେଞ୍ଜ କର୍ମଚାରୀମାନେ ମଜୁରିଆପଲ୍ଲୀଠାରୁ ଶାଳ ଲଗ୍ ବୋଝେଇ ଏକ ବୋଲେରୋ (ନଂ.ଓଡି୨୫ ଏଫ ୬୮୮୧)କୁ ରବିବାର ଜବତ କରିଛନ୍ତି । ଏହି ଗାଡିରେ ୫୫ ସିଫ୍ଟ ଶାଳ ଲଗ୍ ଥିଲା । ଯାହାର ଦାମ ୭୦ ହଜାର ଟଙ୍କା ହେବ ବୋଲି ବନ କର୍ମଚାରୀମାନେ କହିଛନ୍ତି । ଏହି ଘଟଣାରେ ବଡପଣ୍ଡୁସରର ପ୍ରମୋଦ ଦାଶ(୪୭)ଙ୍କୁ ଗିରଫ କରାଯାଇଛି। ମହିପୁରରୁ ଏହି ଶାଳ କାଠ ବଡପଣ୍ଡୁସର ଯାଉଥିଲା ।

### ଶଟ୍‌ଡାଉନରେ ଖାଉଟି ସାମଗ୍ରୀ ବଣ୍ଟନ

ଦଶପଲ୍ଲା,୨୩ା୫(ଡି.ଏନ.ଏ.): ସମଗ୍ର ରାଜ୍ୟରେ ସରକାର ଆଗାମୀ ଜୁନ୍ ୧ତାରିଖ ଯାଏ ଲକ୍ ଡାଉନ୍ ଏବଂ ପ୍ରତି ଶନିବାର, ରବିବାର ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏପରି କି କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଯାଉଥିଲେ ବି ପୋଲିସ ଅଟକାଇ କାରଣ ପଚାରୁଛି । ହେଲେ ଶଟ୍‌ଡାଉନ୍ ବେଳେ ଦଶପଲ୍ଲା ଏନ୍‌ଏସି ସମେତ କେତେକ ପଞ୍ଚାୟତରେ ଖାଉଟିମାନଙ୍କୁ ଚାଉଳ, ଗହମ ବଣ୍ଟନ କରାଯାଉଛି । ହିତାଧିକାରୀମାନେ ଖାଉଟି ପଏଣ୍ଟରେ ସାମଗ୍ରୀ ନେବା ପାଇଁ ଭିଡ଼ ଜମାଉଛନ୍ତି । ସେଠାରେ କୌଣସି ନୀତିନିୟମ ରହୁନି । କରୋନା କଟଣାକୁ ଉଲ୍ଲଂଘନ କରାଯାଉଛି । ଅନ୍ୟପକ୍ଷେ ଶଟ୍‌ଡାଉନରେ ଖାଉଟି ସାମଗ୍ରୀ ମିଳୁ ଥିବାରୁ ଲୋକମାନେ ପଦାକୁ ଆସିବାକୁ ବାଧ୍ୟ ହେଉଛନ୍ତି । ଏ ସଂକ୍ରାନ୍ତରେ ଅନ୍ୟ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

### ପଞ୍ଚାୟତ ଲାଗି ଖୋଲିଲା ଟୁଇଟର ଆକାଉଣ୍ଟ

ଆସିକା,୨୩ା୫(ଡି.ଏନ୍.ଏ.): ଆସିକା ବ୍ଲକର ୨୭ଟି ପଞ୍ଚାୟତ ଲାଗି ରବିବାର ଟୁଇଟର ଆକାଉଣ୍ଟ ଖୋଲାଯାଇଛି । ରାଜ୍ୟ ସରକାରଙ୍କ ୫-ଟି ଅଧୀନ ବିଭିନ୍ନ ସେବାକୁ ଜନସାଧାରଣ ନିକଟରେ ତୁରନ୍ତ ପହଞ୍ଚାଇବା ଦିଗରେ ଏହା ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ବିଡିଓ ରୋସନ ଶତପଥୀ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ବ୍ଲକସ୍ତରରେ ବିଭିନ୍ନ ପଞ୍ଚାୟତକୁ ଏହି ବ୍ୟବସ୍ଥାରେ ସାମିଲ କରିବାରେ ଆସିକା ବ୍ଲକ ପ୍ରଥମ। ଏହି ବ୍ୟବସ୍ଥା ଦ୍ୱାରା ପଞ୍ଚାୟତର ଜନସାଧାରଣ ବିଭିନ୍ନ ସରକାରୀ ସୂଚନା ପାଇବାରେ ଯଥେଷ୍ଟ ସହାୟକ ହେବେ ।

# କରୋନା କଟକଣା ବେଳେ ଭୋଜି

- ୧୧ଜଣଙ୍କୁ ଉଠାଇ ଆଣିଲା ପୋଲିସ
- ଭୋଜି ସାମଗ୍ରୀ,କାର ଓ ୮ ବାଇକ୍ ଜବତ

ଖଣ୍ଡପଡ଼ା,୨୩ା୫ (ସ୍ୱ.ପ୍ର.)

ରାଜ୍ୟରେ କରୋନା କଟକଣା କଡ଼ାକଡ଼ି କରାଯାଇଛି । ଏହା ପରେ ବି ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି । ମୃତ୍ୟୁ ସଂଖ୍ୟା ବି କମୁନାହିଁ । ଏପରି ପରିସ୍ଥିତିରେ ଯୁବଗୋଷ୍ଠୀ ସଚେତନ ହେବା ବଦଳରେ ଏକାଠି ହୋଇ ଭୋଜି କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗୋକୁଳାନନ୍ଦଜୀଉ ମନ୍ଦିର ନିକଟ ମହାନଦୀ କୂଳରେ ଏହି ଭୋଜିର ଆସର ଜମିଥିଲା । କୌଣସି ବିଶେଷ ସୂତ୍ରରୁ ଖବର ପାଇବା ପରେ ଖଣ୍ଡପଡ଼ା ଥାନା ପୋଲିସ ସେଠାରେ ଅଚାନକ ଚଢ଼ାଉ କରି ସମସ୍ତ ରୋଷେଇ ସାମଗ୍ରୀ ସହ ଏକ କାର ଓ ୮ ବାଇକ୍ ଜବତ କରିଛି । ଘଟଣା ସ୍ଥଳରୁ ୧୧ଜଣ ଯୁବକଙ୍କୁ ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ । ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ, କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓଙ୍କ ସମେତ ଏସ୍‌ଆଇ ଶ୍ରଦ୍ଧାଞ୍ଜଳି ନାୟକ, ଏଏସ୍‌ଆଇ ଅରୁଣ କୁମାର ଜେନା ସେଠାରେ ଚଢ଼ାଉ କରିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଛି ।

ସୂଚନାଯୋଗ୍ୟ, ସରକାରଙ୍କ କଟକଣା ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ତାଗିଦକୁ ଗାଁଗଣ୍ଡାରେ ବସବାସ କରୁଥିବା କେତେଜଣ ଲୋକ ଓ ଅମାନିଆ ଯୁବଗୋଷ୍ଠୀ ବେଖାତିର କରୁଥିବା ନଜରକୁ ଆସିଛି । କୌଣସି କାରଣ ନ ଥାଇ ଯୁବକମାନେ ଗାଁମୁଣ୍ଡ ନଦୀତୁଠ, ଖେଳପଡିଆ, ସେତୁ ଉପରେ ଏକାଠି ହୋଇ ଖୁସିଗପରେ ସମୟ କାଟୁଛନ୍ତି । ରାସ୍ତାଘାଟ ଓ ବଜାରରେ ବୁଲୁଛନ୍ତି । ଏଥିପାଇଁ ଖଣ୍ଡପଡା ବ୍ଲକ୍ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହି ବ୍ଲକ୍ ଅଧୀନ ୨୨ ପଞ୍ଚାୟତର ବିଭିନ୍ନ ଗାଁରେ ସରକାରଙ୍କ କଟକଣା ଓ ତାଲାବନ୍ଦର କୌଣସି ପ୍ରଭାବ ନ ଥିବା ପରି ଜଣାପଡୁଛି । ସିଧାମୂଳା ଗ୍ରାମର ଗୋଟିଏ ସାହିରେ ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏପରି ପରିସ୍ଥିତିରେ ଭୋଜିର ଆୟୋଜନ କରିବା ଠିକ୍ ହୋଇନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।



ଭୋଜିସ୍ଥଳରୁ ଜବତ ହୋଇଥିବା ବାଇକ୍।

# ଅର୍ଥ ଲଗାଣକାରୀ ସଂସ୍ଥା ଉପରେ ନାହିଁ ଲଗାମ

## କରୋନା ସମୟରେ ଜୋରଜବରଦସ୍ତ ଆଦାୟ କରାଯାଉଛି ସୁଧ

ନୟାଗଡ଼ ଅଫିସ,୨୩ା୫

ନୟାଗଡ଼ ଜିଲାରେ କରୋନା କାୟା ବିସ୍ତାର କରି ଚାଲିଛି । ଏଥିରେ ଆକ୍ରାନ୍ତ ହୋଇ କେହି ମେଡିକାଲରେ ଚିକିତ୍ସିତ ହେଉଛନ୍ତି ତ ଆଉ କେହି ଘରେ ସଂଗରୋଧରେ ରହିଛନ୍ତି। ଏକାଧିକ ରୋଗୀଙ୍କ ମୃତ୍ୟୁ ଘଟିଛି । ଏପରି ପରିସ୍ଥିତିରେ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ ଋଣଗ୍ରହୀତାଙ୍କଠାରୁ ଜୋରଜବରଦସ୍ତ ସୁଧ ଆଦାୟ କରାଯାଉଛି। ସଂସ୍ଥା ପକ୍ଷରୁ ଗାଁ ଓ ସହରରେ ସୁଧ ଟଙ୍କା ଆଦାୟକୁ କଡାକଡି କରାଯାଇଛି । ସୁଧ ନ ଦେଲେ ଦାୟିତ୍ୱରେ ଥିବା ସଂସ୍ଥାର କର୍ମଚାରୀମାନେ ହିତାଧିକାରୀଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ବିଭିନ୍ନ ସ୍ଥାନରେ ପାଟିତୁଣ୍ଡ ହେବା ସହ ଗଣ୍ଡଗୋଳ ଘଟୁଥିବା ଖବର ମିଳିଛି । ଏବେ ଶଟ୍‌ଡାଉନ ଓ ଲକ୍‌ଡାଉନ ଯୋଗୁ ଲୋକେ କାମଧନ୍ଦା ଅଭାବରୁ ଘରେ ବସିଛନ୍ତି । ଅଧିକାଂଶ ଲୋକଙ୍କ ଘରେ ଚୁଲି ଜଳୁନାହିଁ। ଆର୍ଥିକ ଅନଟନ ମଧ୍ୟରେ ବହୁ ପରିବାର ଦିନ କାଟୁଛନ୍ତି । ଆଗକୁ ବାତ୍ୟା ଆସୁଥିବାରୁ ଲୋକଙ୍କ ଚିନ୍ତା ବଢ଼ିଛି । ଏଭଳିସ୍ଥଳେ ସରକାର ଅର୍ଥ ଲଗାଣକାରୀ ସଂସ୍ଥା ଉପରେ ଲଗାମ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ୧୪ ହଜାର ଜରିମାନା ଗଣିଲେ ଜୁଆଡ଼ି

ନୟାଗଡ଼ ଅଫିସ,୨୩ା୫

ନୟାଗଡ଼ ଜିଲା ଚାନ୍ଦପୁର ଥାନା ପୋଲିସ ୭ ଜୁଆଡିଙ୍କୁ ଗିରଫ କରି ସେମାନଙ୍କଠାରୁ ୧୪ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଜୁଆଡିମାନେ ଚାନ୍ଦପୁର ଶଟ୍‌ଡାଉନରେ ବି ସ୍ଥାନୀୟ ରାମଚଣ୍ଡୀ ମନ୍ଦିର ନିକଟରେ ଶନିବାର ରାତିରେ ଜୁଆ ଖେଳୁଥିଲେ। କୌଣସି ସୂତ୍ରରୁ ଏ ସଂକ୍ରାନ୍ତରେ ଚାନ୍ଦପୁର ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲା । ଘଟଣାସ୍ଥଳରୁ ଅନ୍ୟାନ୍ୟ ସାମଗ୍ରୀ ସହିତ ୨,୬୭୦ ଟଙ୍କା ଜବତ କରିଛି। ଏହି ଘଟଣାକୁ ନେଇ ପୋଲିସ ଏକ ମାମଲା(ନଂ. ୭୩/୨୧) ରୁଜୁ କରି ତଦନ୍ତ କରୁଛି ।

# ଭାପୁର, ଖଣ୍ଡପଡ଼ା, ଗଣିଆ ବ୍ଲକ ଉପଭୋକ୍ତା ହଟହଟା

ନୟାଗଡ଼ ଅଫିସ,୨୩ା୫

## ଦିନକୁ ୧୨ ଘଣ୍ଟା ବିଦ୍ୟୁତ୍ କାଟ୍

- ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୟାଗଡ଼ ଜିଲାର ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ପ୍ରତିଦିନ ୧୦ରୁ ୧୨ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି । ବିନା ବର୍ଷା ଓ ପବନରେ ଏପରି ଅବ୍ୟବସ୍ଥା ଲାଗି ରହୁଥିବାରୁ ଖାଉଟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟତଃ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି । ଏନେଇ ଅଭିଯୋଗ କଲେ ସୁଫଳ ମିଳୁ ନାହିଁ । ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ(ଜେଇ) ଫୋନ ଉଠାଉ ନାହାନ୍ତି । ବିଦ୍ୟୁତ୍ ବ୍ୟବସ୍ଥାକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା କରିବାକୁ ହେଲେ ଗୋଟିଏ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ ଦିନ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରାଯିବାକୁ ଭାରତୀୟ ବିକାଶ ପରିଷଦ ଟାଟା ପାୱାରର ସେଣ୍ଟରାଲ ଡିଷ୍ଟ୍ରିବ୍ୟୁଶନ ମ୍ୟାନେଜର ଭୁବନେଶ୍ୱର ଓ ନୟାଗଡ଼ ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ନ ହେଲେ ଅନୁଷ୍ଠାନ ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯିବ ବୋଲି ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି ।

ଅଭିଯୋଗ ଅନୁସାରେ ଭାପୁର, ଖଣ୍ଡପଡ଼ା ଓ ଗଣିଆ ବ୍ଲକ ଅଞ୍ଚଳରେ ଗତ ୨ମାସ ହେଲା ବିଦ୍ୟୁତ୍ କ୍ଷେତ୍ରରେ ଅଚଳାବସ୍ଥା ଲାଗି ରହିଛି । କରୋନା ରୋଗ ଦାଉ ସାଧୁଥିବା ବେଳେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଖାଉଟୀ ସେବା ନ ପାଇ ହଟହଟା ହେଉଛନ୍ତି । ବହୁ କରୋନା ରୋଗୀ ଏବେ ହୋମ୍ ଆଇସୋଲେଶନରେ ଅଛନ୍ତି । ରାତିରେ ସେମାନଙ୍କ ଶୋଇବାରେ ବାଧା ସୃଷ୍ଟି ହେଉଛି । ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସମାଧାନ ସୂତ୍ର ବାହାରୁ ନାହିଁ । ରାଜ୍ୟ ସରକାରଙ୍କ ଜିଏ ଡିପାର୍ଟମେଣ୍ଟ ସର୍କୁଲାର ଅନୁସାରେ ଜଣେ ଅଫିସର ଗୋଟିଏ ସ୍ଥାନରେ ୩ ବର୍ଷ ରହିବା ପାଇଁ ନିୟମ ଅଛି । ହେଲେ ଏଠାରେ ଅଧିକାରୀ ଓ କର୍ମଚାରୀ ୧୦ ବର୍ଷ ହେଲା ରହି ଆସୁଥିବା ଅଭିଯୋଗ ହୋଇଛି ।

# ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୩ା୫

ଗଞ୍ଜାମ ରେଳ ଷ୍ଟେଶନ୍ ନିକଟରେ ଜଣେ ଯୁବକ ଟ୍ରେନରୁ ଖସି ପଡ଼ିଥିଲେ। ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ ଛତ୍ରପୁର ମେଡିକାଲରେ ଭର୍ତ୍ତି ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଦୀପକ କୁମାର ଜେନା(୨୧)। ବାଲେଶ୍ୱରରୁ ଦୀପକଙ୍କ ଭଉଣୀ ଓ ଭିଣୋଇ ବ୍ରହ୍ମପୁର ଆସି ମୃତଦେହ ଚିହ୍ନଟ କରିଥିଲେ। ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ଧାରିଗ୍ରାମର ଦୀପକ ନଭେମ୍ବରରେ ଚେନ୍ନାଇର ଏକ କମ୍ପାନୀରେ ଚାକିରି ପାଇଥିଲେ। କରୋନା ପାଇଁ କମ୍ପାନୀ ବନ୍ଦ ହେବାରୁ ଦୀପକ ତାଙ୍କର ୨ ବନ୍ଧୁଙ୍କ ସହିତ ତ୍ରିଚନ୍ନାପଲ୍ଲୀ-ହାଓଡ଼ା ଏକ୍ସପ୍ରେସରେ ଘରକୁ ଫେରୁଥିଲେ। ବାଲୁଗାଁ ନିକଟରେ ହଠାତ ଦୀପକ ତାଙ୍କ ସିଟ୍‌ରେ ନ ଥିବା ଦୁଇ ସାଙ୍ଗ ଦେଖିବାକୁ ପାଇଥିଲେ। ଏଥିରେ ଉଭୟେ ବ୍ୟସ୍ତ ହୋଇ ଦୀପକଙ୍କୁ ଫୋନ୍ କରିଥିବା ବେଳେ ସେ ଉଠାଇ ନ ଥିଲେ। ଏପଟେ ଗଞ୍ଜାମ ରେଳ ଷ୍ଟେଶନରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ପଜିଟିଭ ବାହାରିଛି କହିବାରୁ ଅଙ୍ଗନୱାଡି କର୍ମୀଙ୍କୁ ମାଡ଼

ନୟାଗଡ଼ ଅଫିସ,୨୩ା୫

କୋଭିଡ୍ ଯୋଦ୍ଧା ଅଙ୍ଗନୱାଡି କର୍ମିଙ୍କୁ ମାଡ ମାରିବା ଅଭିଯୋଗରେ ଫତେଗଡ଼ ଥାନା ଅଧୀନ ଭାପୁର ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ କୋଭିଡ୍ ଟେଷ୍ଟ ପରେ ଜଣଙ୍କ ପଜିଟିଭ୍ ରିପୋର୍ଟ ଆସିଥିଲା । ପୋଲିସ ଗିରଫ ନିଧି ଜେନାଙ୍କୁ ହୋମ ଆଇସୋଲେଶନରେ ରଖି ମେଘନାଦ ଜେନାଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ମେଘନାଦଙ୍କୁ ଜେଲକୁ ଯିବାକୁ ପଡିଛି ।

ଅଭିଯୋଗ ଅନୁସାରେ ଶନିବାର ମଧ୍ୟାହ୍ନରେ ନୟାଗଡ଼ ଜିଲା ଭାପୁର ବ୍ଲକ ବାଦିଲୋ ଅଙ୍ଗନୱାଡି କର୍ମୀ ବାସନ୍ତୀ ବେହେରା ସ୍ଥାନୀୟ ଅଞ୍ଚଳରେ ଡାକ୍ତରଙ୍କ ସହ କୋଭିଡ ଡ୍ୟୁଟି କରୁଥିଲେ । ଏହି ସମୟରେ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ଆସିଥିଲା ବାଦିଲୋ ଗାଁର ବିଜୟ ଜେନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏ ସମ୍ପର୍କରେ ତାଙ୍କ ଘରେ ଜଣାଇବା ପାଇଁ ସୂଚନା ଆସିଥିଲା। ଡାକ୍ତରଙ୍କ ଉପସ୍ଥିତିରେ ଅଙ୍ଗନୱାଡି କର୍ମୀ ବାସନ୍ତୀ ବାଦିଲୋ ଗାଁକୁ ଯାଇ ବସନ୍ତଙ୍କ ଘରେ ତାଙ୍କ ଟେଷ୍ଟ ପଜିଟିଭ୍ ରିପୋର୍ଟ ଆସିଥିବା କହିଥିଲେ । ଏହାକୁ ନେଇ ବସନ୍ତଙ୍କ ସମେତ ୪ଜଣ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମିଳିତ ଭାବେ ଆକ୍ରମଣ କରିଥିଲେ । ଏ ନେଇ ଅଙ୍ଗନୱାଡି କର୍ମୀ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୯୪/୨୧) ରୁଜୁ କରି ତଦନ୍ତ କରିଥିଲ ।

# ମଶାଣିପଦାରୁ ପାଳଗଦା ଉଠିଲା

ଓଡ଼ଗାଁ, ୨୩ା୫ (ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଅଧୀନ ପଣ୍ଡିଖାରୀ ଶାସନ ଗାଁ ମଶାଣିରୁ ସ୍ଥାନୀୟ ପୋଲିସ ପାଳଗଦା ଉଠାଇବାରେ ସଫଳ ହୋଇଛି। ପ୍ରାୟ ୪ ମାସ ହେଲା ସେହି ଗ୍ରାମର ଜଣେ ଚାଷୀ ଗାଁ ମଶାଣି ଓ ମନ୍ଦିର ସନ୍ନିକଟରେ ପାଳ ଗଦା ମାରିଥିଲେ । ସେ ଗାଁ ଲୋକଙ୍କ କଥାକୁ ଅମାନ୍ୟ କରିଆସୁଥିଲେ । ଏଥିଯୋଗୁ ଲୋକେ ମୃତଦେହ ଦାହ କରିବା ସମୟରେ ପାଳଗଦାରେ କାଳେ ନିଆଁ ଲାଗିଯିବ ସେନେଇ ଆଶଙ୍କାରେ ରହୁଥିଲେ । ଏନେଇ ଗ୍ରାମବାସୀ ଏକାଧିକ ଥର ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ପାଳଗଦା ଉଠାଇବାକୁ ତାଗିଦ୍ କରିଥିଲା । ହେଲେ ସେ ଏହାକୁ ଖାତିରି ନ କରି ପାଳଗଦା ଅନ୍ୟତ୍ର ଉଠାଇବାକୁ ପୋଲିସ ପଠାଇଥିବା ଟ୍ରାକ୍ଟରକୁ ସେ କୁଆଡେ ଫେରାଇ ଦେଇଥିଲେ । ରବିବାର ଭୋର ସମୟରେ ସ୍ଥାନୀୟ ପୋଲିସ ସେହି ସ୍ଥାନରୁ ପାଳଗଦା ଉଠାଇ ଜଙ୍ଗଲରେ ଫୋପାଡି ଦେଇଥିବା ସୂଚନା ମିଳିଛି । ବେଆଇନ ଭାବେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଗାଁରେ ମଣିଷ ବଦଳରେ ମେଶିନ ପୋଖରୀ ଖୋଳିବା କାମ କରୁଥିଲା । ସେ ସୂଚନା ଅଧିକାର ଆଇନ ଅନୁଯାୟୀ ଏନେଇ ତଥ୍ୟ ମାଗିଥିବାରୁ ଗ୍ରାମବାସୀ ଆକ୍ରୋଶମୂଳକ ଭାବେ ପୋଲିସକୁ ପ୍ରଭାବିତ କରି ତାଙ୍କ ପାଳଗଦା ଉଠାଇ ଫୋପାଡି ଦେଇଛନ୍ତି ବୋଲି ସଂପୃକ୍ତ ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏଥିଯୋଗୁ ଗୋରୁଙ୍କ ପାଇଁ ବର୍ଷକ ନିମନ୍ତେ ସାଇତି ରଖିଥିବା ଖାଦ୍ୟ ନଷ୍ଟ ହେଲା ବୋଲି ଚାଷୀ ଜଣକ କହିଛନ୍ତି ।



ମେଶିନ ଦ୍ୱାରା ପୋଖରୀ ଖୋଳା ଚାଲିଛି।

# ୨ ଦିନ ହେଲା ଦମ୍ପତି ନିଖୋଜ

ଛତ୍ରପୁର,୨୩ା୫(ଡି.ଏନ୍.ଏ.)

ଛତ୍ରପୁର ଥାନା ଭିକାରିପଲି ପଞ୍ଚାୟତ ଗୋଲାପଲ୍ଲୀ ଗାଁର ଏକ ଦମ୍ପତି ଶନିବାରଠାର ନିଖୋଜ ଅଛନ୍ତି। ସେମାନେ ହେଲେ ଜି. ଜଗନ୍ନାଥ ପାତ୍ର ଓ ସ୍ତ୍ରୀ ଗୁନାମ୍ମା ପାତ୍ର। ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଦୀର୍ଘ ଦିନ ହେଲା ତିକ୍ତତା ଲାଗି ରହିଥିଲା। ଗାଁରେ ଏହାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ ଶନିବାର ପୁଣି ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଜଗା ଏକ ଖଣ୍ଡା ଧରି ସ୍ତ୍ରୀ ଗୁନାମ୍ମାଙ୍କୁ ନେଇ ନିକଟସ୍ଥ ପାହାଡକୁ ଯାଉଥିବା ଗାଁ ଲୋକେ ଦେଖିଥିଲେ। ଗୁନାମ୍ମାଙ୍କ ଭଉଣୀ କେ. ଚନ୍ଦ୍ରମ୍ମା ଏ ନେଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ପାହାଡ଼କୁ ଯାଇ ଖୋଜା ଖୋଜି କରିଥିଲେ ମଧ୍ୟ କିଛି ସୁରାକ୍ ମିଳିନ ଥିଲା। ରବିବାର ସନ୍ଧାନୀ କୁକୁର ନେଇ ପୋଲିସ ଟିମ ଖୋଜାଖୋଜି କରିଥିଲା। ଦମ୍ପତିଙ୍କୁ ଠାବ କରାଯାଇ ପାରି ନଥିବା ଜଣାପଡ଼ିଛି।

# ସମ୍ଭାବ୍ୟ ବାତ୍ୟାମୁକାବିଲା ପ୍ରସ୍ତୁତି ସମୀକ୍ଷା

ଛତ୍ରପୁର,୨୩ା୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା ୟାସ୍ ମୁକାବିଲା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବ୍ଲକ ଓ ଏନଏସିସ୍ତରୀୟ ଅଧିକାରୀ ସମ୍ଭାବ୍ୟ ବାତ୍ୟା ନିମନ୍ତେ ପ୍ରସ୍ତୁତ ରହିବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗର୍ଭବତୀ, ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ଆମ୍ବୁଲାନ୍ସରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଗୃହ ସଙ୍ଗରୋଧରେ ରହୁଥିବା କରୋନା ରୋଗୀଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀରେ ରଖିବା ପାଇଁ ଅଲଗା ଯାନ ବ୍ୟବହାର କରାଯିବ। ହସ୍ପିଟାଲ ପାଖାପାଖି ଆଶ୍ରୟସ୍ଥଳକୁ ସେମାନଙ୍କୁ ନିଆଯିବ। ସେଠାରେ ଶୌଚାଳୟ ଏବଂ ପାନୀୟ ଜଳ ସୁବିଧା ଅଛି କି ନାହିଁ ତାର ତଦାରଖ କରିବା ସହ ବିଦ୍ୟାଳୟ ଆଶ୍ରୟସ୍ଥଳ ପାଇଁ ନୋଡାଲ ପର୍ସନ ଠିକ କରିବାକୁ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ବ୍ଲକ ଗୁଡିକରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ କିପରି ପ୍ରସ୍ତୁତି ହୋଇଛି ତଦାରଖ କରିବେ। ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର, ଗଞ୍ଜାମ ଓ ଖଲ୍ଲିକୋଟ ଉପକୂଳବର୍ତ୍ତୀ ବ୍ଲକ ଅଞ୍ଚଳର ବିଡିଓ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ ମାନେ ସଜାଗ ରହି ପରିସ୍ଥିତି ଉପରେ ନଜର ରଖିବେ। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଜିଲାପାଳଙ୍କ ବିନା ଅନୁମତିରେ ନିଜ ସଦର ମହକୁମା ଛାଡିପାରିବେ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଆଇନ ଅନୁଯାୟୀ ସମସ୍ତ ଅଧିକାରୀ ଓ କର୍ମଚାରୀ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଜିଲାପାଳ କହିଥିଲେ।

# ବିଦ୍ୟୁତ୍ ବିଭାଗ ଠିକାଦାର ସଂଘ ଆନ୍ଦୋଳନକୁ ଓହ୍ଲାଇବ

ନୟାଗଡ଼ ଅଫିସ, ୨୩ା୫

ନୟାଗଡ଼ ଟାଟା ବିଦ୍ୟୁତ୍ ବିଭାଗର ମନମାନି ପ୍ରତିବାଦରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ନୟାଗଡ଼ ଜିଲା ବିଦ୍ୟୁତ୍ ବିଭାଗ ଠିକାଦାର ସଂଘ । ଏନେଇ ରବିବାର ଠିକାଦାର ସଂଘ ପକ୍ଷରୁ ଏକ ବୈଠକ ପାଣି ପୋଇଲାଠାରେ ଅନୁଷ୍ଠିତ ହୋଇଥିଲା । ଟାଟା ପାୱର ବିଦ୍ୟୁତ୍ ବିଭାଗ ଦାୟିତ୍ୱ ନେବା ଦିନଠାରୁ ସଂସ୍ଥା ଠିକାଦାରମାନଙ୍କ ଏଷ୍ଟିମେଟରେ ରହୁଥିବା ୬% ଲାଭାଂଶ କାଟି ଦେଉଛି । ଫଳରେ ସେମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି । ଏହାର ପ୍ରତିବାଦରେ ଠିକାଦାର ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାନୀ ଦେଇଛି ।

# ବାତ୍ୟା ୟାସ ପାଇଁ ପ୍ରସ୍ତୁତି, ପ୍ରଶିକ୍ଷଣ

ନୟାଗଡ଼ ଅଫିସ,୨୩ା୫

## ଲୋକମାନଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ

ନୟାଗଡ଼ ଜିଲାରେ କରୋନା କଟକଣା ବେଳେ ବାତ୍ୟା ୟସର ମୁକାବିଲା ନିମନ୍ତେ ରବିବାର ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ ଶିବିର ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲାର ସମସ୍ତ ବିଡି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସିଡିପିଓ, ସୁପରଭାଇଜରମାନେ ଯୋଗ ଦେଇଥିଲେ। ବିଗତ ବାତ୍ୟାରେ କ୍ଷତିଗ୍ରସ୍ତ ଗାଁକୁ ଚିହ୍ନଟ କରି ସେଠାର ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଗର୍ଭବତୀମାନଙ୍କ ଉତ୍ତମ ଯତ୍ନ ଓ ଯେଉଁମାନଙ୍କ ପ୍ରସବ ତାରିଖ ୨୪ ମେ ରୁ ୭ ଜୁନ ମଧ୍ୟରେ ଅଛି ସେମାନଙ୍କୁ ତୁରନ୍ତ ନିରାପଦ ସ୍ଥାନ ଅଥବା ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସିଡିପିଓ ଏବଂ ସୁପରଭାଇଜରମାନଙ୍କୁ ଉପରୋକ୍ତ ସମୟ ମଧ୍ୟରେ ଆସନ୍ନ ପ୍ରସବା ମହିଳାମାନଙ୍କ ତାଲିକା ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ୍ ଦ୍ରବଣ ଗଚ୍ଛିତ କରି ରଖିବାକୁ ପରାମର୍ଶ ଦିଆଯାଇଛି। ଅଙ୍ଗନୱାଡି କର୍ମୀମାନଙ୍କ ଜରିଆରେ ଚିହ୍ନିତ ହେଉଥିବା ଥଣ୍ଡା , ସର୍ଦ୍ଦି ଓ ଜ୍ୱରରେ ଆକ୍ରାନ୍ତ ସମସ୍ତ ଲୋକଙ୍କୁ ତୁରନ୍ତ ପରୀକ୍ଷଣ ଓ ଔଷଧ ସେବନ ନିଶ୍ଚିତ କରାଇବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍‌ରେ ପରଲୋକ ହୋଇଥିବା ମା'ବାପାଙ୍କ ପିଲାମାନଙ୍କୁ ଓ ବିଧବା ମହିଳାମାନଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ନିମନ୍ତେ ସରକାରୀ ସୁବିଧା ଉପଲବ୍ଧ କରାଇବାରେ ସହଯୋଗ କରିବାକୁ ପ୍ରଶିକ୍ଷଣରେ ଉପସ୍ଥିତ ସମସ୍ତଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ତଦାରଖ ଦାୟିତ୍ୱ ବିଡିଓମାନଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । କେତେଜଣ ଅଙ୍ଗନୱାଡି କର୍ମୀ କାରୋନା ସଂକ୍ରମିତ ହୋଇଥିବାର ଖବର ଶୁଣି ଜିଲାପାଳ ଦୁଃଖ ପ୍ରକାଶ କରିଥଲେ। ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାସହ ସମସ୍ତଙ୍କୁ କୋଭିଡ ନିୟମ ପାଳନ କରି ସତର୍କତା ସହିତ ନିଜ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ ଲଗ୍ନାଜିତ ରାଉତ ଉପସ୍ଥିତି ରହିଥିଲେ।ଶେଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନୟାଗଡ ଧନ୍ୟବାଦ ଅର୍ପଣ କରିଥିଲେ ।

## କରୋନାରେ ଜୀବନ ଦୁର୍ବିଷହ

# ଅନାଥ ଭଉଣୀ ଭାଇଙ୍କ ଦୁଃଖ

ନୟାଗଡ଼ ଅଫିସ,୨୩ା୫

ନୟାଗଡ ଜିଲା ନୂଆଗାଁ ବ୍ଲକ୍ ବେରୁଆଁବାରି ପଞ୍ଚାୟତ ବଧୁଲିପୁର ଗାଁରେ ମା'ବାପା ଛେଉଣ୍ଡ ଭଉଣୀ,ଭାଇଙ୍କ ଚଳିବା କାଠକିକର ପାଠ ହୋଇଛି । ଘରେ କେହି ରୋଜଗାରକ୍ଷମ ବ୍ୟକ୍ତି ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ପାଠ ପଢୁଥିବା ଏହି ଭଉଣୀ ଭାଇ କରୋନା ସମୟରେ ଅଭିଶପ୍ତ ଜୀବନଯାପନ କରୁଛନ୍ତି ।

ଦିନଥିଲା ବଧୁଲିପୁରର ବସନ୍ତ ଓ କେଶରୀ ମହକୁଡ଼ଙ୍କ ତେଲଲୁଣର ସଂସାର ଶାନ୍ତିରେ ଚାଲିଥିଲା । ଗୋଟିଏ ଝିଅ ଓ ପୁଅକୁ ନେଇ ତାଙ୍କ ଛୋଟ ପରିବାର ଉପରେ କାହାର ନଜର ପଡ଼ିଥିଲା । ବସନ୍ତ କ୍ୟାନସରରେ ଆକ୍ରାନ୍ତ ହେବା ପରେ ସାରା ପରିବାର ଭାଙ୍ଗି ପଡିଥିଲେ । ସେଦିନଠାରୁ ଦୁଃଖ ସେହି ପରିବାର ଲୋକଙ୍କ ପିଛା ଛାଡ଼ିଲାନାହିଁ। ଯାହା ବିଲ ଓ ଘର ସମ୍ପତ୍ତି ଥିଲା ତାହା ବାପାଙ୍କ ଚିକିତ୍ସାରେ ଖର୍ଚ୍ଚ ହେଲା । ତଥାପି କିଛି ଲାଭ ହେଲାନାହିଁ। ବସନ୍ତ କ୍ୟାନସରରେ ପ୍ରାଣ ହରାଇଲେ । ଏହି ଚିନ୍ତାରେ ମା'କେଶରୀ ବି ସମ୍ପୂର୍ଣ୍ଣ ଭାଙ୍ଗି ପଡିଲେ । ଦୁନିଆ କ'ଣ ଜାଣି ନ ଥିବା ପିଲାମାନଙ୍କୁ କିପରି ମଣିଷ କରିବେ ସେହି ଚିନ୍ତା ତାଙ୍କୁ ଘାରି ଚାଲିଥିଲା । ଦିନକୁ ଦିନ ସେ ଖାଇବା ପିଇବା ଛାଡି ଦେଲେ । ଆସ୍ତେ ଆସ୍ତେ ଦୁର୍ବଳ ହେବାକୁ ଲାଗିଲା। ସ୍ୱାମୀଙ୍କ ପରଲୋକର କିଛି ମାସ ପରେ ସେ ବି ଆଖି ବୁଜିଲେ । ଏପରି ପରିସ୍ଥିତିରେ ଭାଇ ସ୍ୱଦେଶ ଓ ଭଉଣୀ ସୁରେଖାଙ୍କ ଆଖିରୁ ଲୁହ ବହି ଚାଲିଲା । ଆଉ କେତେଦିନ ଏମିତି ଦିନ କାଟିବେ ବୋଲି ସେମାନେ ଚିନ୍ତା କଲେ । ଶେଷରେ ଅନ୍ୟର ହାତଟେକା ସହାୟତାକୁ ଭରସା କରି ଉଭୟ ପାଠ ପଢ଼ା ଜାରି ରଖିଲେ। ସୁରେଖା ଏବେ ଯୁକ୍ତ-୨ର ଦ୍ୱିତୀୟ ବର୍ଷର ଛାତ୍ରୀ । ସ୍ୱଦେଶ ଗତବର୍ଷ ମାଟ୍ରିକ ପାସ କରିଛନ୍ତି । କରୋନା ଯୋଗୁ ଏବେ ସମସ୍ତେ ଘରେ ହାତବାନ୍ଧି ବସିଛନ୍ତି । ଏପରି ସମୟରେ ଅନ୍ୟକୁ କିଏ ପଚାରୁଛି । ତଥାପି ସେମାନଙ୍କ ଚଳିବା ପାଇଁ ୧୦ କେଜି ଚାଉଳ କାର୍ଡରେ ମିଳୁଛି । ସେହି ଚାଉଳ ଓ ପଡ଼ୋଶୀଙ୍କ ପନିପରିବାକୁ ଭରସା କରି ଏହି ଭଉଣୀ ଭାଇ ଦିନ କାଟୁଛନ୍ତି ।



ଭଉଣୀ ସୁରେଖାଙ୍କ ସହ ସ୍ୱଦେଶ।